# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 December - 2024

### News Editor : Itishree Singh Rathore

*******************************

## ମୁଖ୍ୟ ସମ୍ବାଦ

- ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରତିବନ୍ଧକମୁକ୍ତ ସମାଜ ଗଠନ ଲାଗି ମିଳିତ ଉଦ୍ୟମ ଆବଶ୍ୟକ : କହିଲେ ରାଷ୍ଟ୍ରପତି ।

  - ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କଲେ ଜାତୀୟ ପୁରସ୍କାର ପ୍ରଦାନ ।

- ଓଡ଼ିଶା ଗସ୍ତରେ ଆଜିଠାରୁ ଆସୁଛନ୍ତି ରାଷ୍ଟ୍ରପତି : ଭୁବନେଶ୍ୱର, ପୁରୀ ଓ ମୟୂରଭଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

- ଚଣ୍ଡୀଗଡ଼ରେ ୩ଟି ନୂତନ ଅପରାଧିକ ଆଇନର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟରେ ୨୦୨୬ ସୁଦ୍ଧା ଶେଷହେବ ମେଗା ପାନୀୟ ଜଳ ପ୍ରକଳ୍ପ । ବିଧାନସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।

ଏବଂ

- ସୁଗମ୍ୟ ଭାରତ ଅଭିଯାନକୁ ଆଜି ପୂରିଲା ୯ ବର୍ଷ ।

*Desk*

# ଭିନ୍ନକ୍ଷମ ଦିବସ

ଦିବ୍ୟାଙ୍ଗମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ପାଇଁ ଆଜି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଉଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ପାଇଁ ୨୦୨୪ ମସିହା ଲାଗି ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରତିବନ୍ଧକ ମୁକ୍ତ ସମାଜ ଗଠନ କରିବା ଲାଗି ମିଳିତ ଉଦ୍ୟମ ଆବଶ୍ୟକ। ଦିବ୍ୟାଙ୍ଗମାନଙ୍କୁ ଦୟା ନୁହେଁ, ବରଂ ସମ୍ବେଦନଶୀଳତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବାସହ ସେମାନଙ୍କ ଦକ୍ଷତା ବିକାଶ, ନିଯୁକ୍ତି ପ୍ରଦାନ, ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ କ୍ରୟକୁ ଅଗ୍ରାଧିକାର ଏବଂ ବିପଣନ ସୁବିଧା ପ୍ରଦାନ ସେମାନଙ୍କ ନେତୃତ୍ୱ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୨ଜଣ ବ୍ୟକ୍ତି ଏବଂ ୧୧ଟି ଅନୁଷ୍ଠାନକୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହାସହ ରାଷ୍ଟ୍ରପତି ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ୧୬ଟି କଲ୍ୟାଣକାରୀ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି।

***Desk***

# ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବା ପରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତି ଅନାବରଣ କରିବେ । ଶ୍ରୀମତୀ ମୁର୍ମୁ ଭୁବନେଶ୍ୱରରେ ଆଦିବାସୀଙ୍କ ଇଷ୍ଟଦେବ ମାରାଙ୍ଗ ବୁରୁଙ୍କ ସ୍ଥାନ ଆଦିମ ଓସ୍ୱାର ଜାର୍‌ପା ଜାହେର ପରିଦର୍ଶନ କରିବେ । ଆସନ୍ତାକାଲି ରାଷ୍ଟ୍ରପତି ପୁରୀ ଗସ୍ତରେ ଯାଇ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପରେ ରାଷ୍ଟ୍ରପତି ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ । ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ  ନୌସେନା ଦିବସ ସମାରୋହ ଓ ସମରକୌଶଳ ପ୍ରଦର୍ଶନରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ଆସନ୍ତା ୫ ତାରିଖ ଗୁରୁବାର ଦିନ ରାଷ୍ଟ୍ରପତି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ ।

୬ ତାରିଖରେ ରାଷ୍ଟ୍ରପତି ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ ଏବଂ ସେହିଦିନ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥାହେବେ । ୭ ତାରିଖରେ ଶ୍ରୀମତୀ ମୁର୍ମୁ ବାଙ୍ଗିରିପୋଷି-

ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନବନ୍ଦର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

***Desk***

## ପ୍ରଧାନମନ୍ତ୍ରୀ

ନୂତନ ନ୍ୟାୟସଂହିତା ଭାରତୀୟ ନ୍ୟାୟଯାତ୍ରାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଚଣ୍ଡୀଗଡ଼ଠାରେ ଆଜି ତିନୋଟି ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଦେଶ ବିକଶିତ ଭାରତର ସଂକଳ୍ପ ନେଇ ଆଗକୁ ବଢୁଛି। ଏହାସହ ସମ୍ବିଧାନ ଗ୍ରହଣ ତଥା ପ୍ରଣୟନର ୭୫ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ନୂତନ ସଂହିତା ଲାଗୁହେବା ସକାରାତ୍ମକ ଆରମ୍ଭ। ଏହି ଆଇନଗୁଡ଼ିକର ପରିସର ବ୍ୟାପକ ରହିଛି। ଦେଶର ସାମର୍ଥ୍ୟର ଉପଯୋଗ ଦେଶର ହିତ ପାଇଁ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O -

ସୂଚନା ଅନୁସାରେ ଗତ ଜୁଲାଇ ୧ ତାରିଖରେ ଦେଶବ୍ୟାପୀ ଏହି ନୂତନ ଆଇନ କାର୍ଯ୍ୟକାରୀ ହୋଇଥିଲା ।

***BBSR***

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନେଇ ରାଜ୍ୟ ସରକାର ପ୍ରାଥମିକତାର ସହ କାର୍ଯ୍ୟ କରୁଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । ଆଜି ବିଧାନସଭାରେ ବିଧାୟକ ସୌଭିକ ବିଶ୍ୱାଳ ଏବଂ ଅନ୍ୟ ସଦସ୍ୟଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୬ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବାବେଳେ ୧୯୧ଟି ପ୍ରକଳ୍ପ ୨୦୨୬ ମସିହା ସୁଦ୍ଧା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ୨୦୨୫ ମାର୍ଚ୍ଚ ସୁଦ୍ଧା ୫୬ଟି, ଡିସେମ୍ବର ସୁଦ୍ଧା ୫୪ଟି ପ୍ରକଳ୍ପର କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଅନ୍ୟପକ୍ଷରେ ୨୦୨୨-୨୩ରେ ଆରମ୍ଭ ହୋଇଥିବା ଅବଶିଷ୍ଟ ୮୧ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ଗୃହରେ ପ୍ରକାଶ କରିଛନ୍ତି ।

***BBSR***

## ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଦରମା ବୃଦ୍ଧି

ବିଧାନସଭାରେ ପୂର୍ବତନ ବିଧାୟକଙ୍କ ପେନସନ୍ ଏବଂ ବର୍ତ୍ତମାନର ବିଧାୟକଙ୍କ ଦରମା ବୃଦ୍ଧି ନେଇ ଉଭୟ ଶାସକ ଓ ବିରୋଧି ଦଳ ସଦସ୍ୟମାନେ ଦାବି କରିଛନ୍ତି । ଆଜି ଶୂନ୍ୟକାଳରେ ବିଧାୟକମାନେ ପୂର୍ବ ସରକାର ସମୟରେ ଗଠିତ କମିଟିର ସୁପାରିଶକୁ ତୁରନ୍ତ ଲାଗୁ କରିବାକୁ ଦାବି କରିଛନ୍ତି । ସୂଚନା ଅନୁଯାୟୀ ଏବେ ସାରା ଦେଶରେ ବିଧାୟକମାନଙ୍କୁ ଦରମା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ୨୭ତମ ସ୍ଥାନରେ ରହିଛି । ଏହାଛଡ଼ା ବିଧାୟକଙ୍କ ହାତପାଣ୍ଠି ୩ କୋଟି ଟଙ୍କାରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ମଧ୍ୟ ଦାବି କରାଯାଇଛି । ଏହି ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢ଼ୀ ରୁଲିଂ ଦେଇଛନ୍ତି । ବାଚସ୍ପତି କହିଛନ୍ତି ବିଧାୟକଙ୍କ ଦରମାବୃଦ୍ଧି ଏବଂ ପୂର୍ବ ବିଧାୟକଙ୍କ ପେନସନ୍ ବୃଦ୍ଧି ଦାବି ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ । ବାଚସ୍ପତି ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି କହିଛନ୍ତି ।

***BBSR***

## ଦାଦନ ଶ୍ରମିକ ମୃତ୍ୟୁ

ରାଜ୍ୟରେ ଗତ ୩ ବର୍ଷରେ ୨୩୩ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଆଜି ବିଧାନସଭାରେ ଏକ ଲିଖିତ ଉତ୍ତରରେ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି ଗଞ୍ଜାମରୁ ସର୍ବାଧିକ ୪୩ ଜଣ ଦାଦନ

ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ବଲାଙ୍ଗୀରରେ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ୨୩୩ ଜଣଙ୍କ ମଧ୍ୟରୁ ୧୯୯ ଜଣଙ୍କ ମୃତଦେହ ରାଜ୍ୟକୁ ଫେରିଥିବା ସେ ଗୃହକୁ ଅବଗତ କରାଇଛନ୍ତି।

***HS***

## ବାଘ ମୃତ୍ୟୁ

ରାଜ୍ୟରେ ଗତ ୫ ବର୍ଷରେ ୩୪ଟି କଲରାପତରିଆ ବାଘଙ୍କ ମୃତ୍ୟୁ ହୋଇଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭରେ ପ୍ରକାଶ କରିଛନ୍ତି। ବିଧାୟକ ତାରାବାହିନୀ ପତିଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ୧୭ଟି ବାଘ ଶୀକାର ହୋଇଥିବାବେଳେ ବିଦ୍ୟୁତ୍ ଆଘାତରେ ୩ଟି ଓ ରେଳ ଦୁର୍ଘଟଣାରେ ଗୋଟିଏ, ରାସ୍ତା ଦୁର୍ଘଟଣାରେ ୩ଟି କଲରାପତରିଆ ବାଘର ମୃତ୍ୟୁ ଘଟିଛି। ଗତମାସରେ ରାଜ୍ୟରେ ୩୦ଟି ମହାବଳ ବାଘ ଏବଂ ୬୯୬ଟି କଲରାପତରିଆ ବାଘ ରହିଥିବା ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ବିଧାନସଭାରେ ପ୍ରକାଶ କରିଛନ୍ତି।

***HS***

## ରାଜ୍ୟସଭା ଉପ-ନିର୍ବାଚନ

ରାଜ୍ୟସଭା ଉପ-ନିର୍ବାଚନ ଲାଗି ବିଧାନସଭା ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆଜିଠାରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ୧୧

ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୧୩ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି । ୨୦ ତାରିଖ ଦିନ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇ ଅପରାହ୍ନରେ ଭୋଟଗଣତି ହେବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଇସ୍ତଫା ଦେବାପରେ ସେହି ପଦବୀ ପୂରଣ ପାଇଁ ଉପନିର୍ବାଚନ ହେଉଛି ।

***Desk***

## ସୁଗମ୍ୟ ଭାରତ ଅଭିଯାନ

ସୁଗମ୍ୟ ଭାରତ ଅଭିଯାନ ଆଜି ୯ ବର୍ଷ ପୂରଣ କରୁଛି । ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସୁଲଭ ଏବଂ ସମାବେଶୀ ଭାରତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହି ଅଭିଯାନ ଭିତ୍ତିଭୂମି, ପରିବହନ ଏବଂ ସାର୍ବଜନୀନ ସ୍ଥାନକୁ ଅଧିକ ସୁଗମ୍ୟ କରିବା ଉପରେ ଧ୍ୟାନ ଦେଇଥାଏ । ଦିବ୍ୟାଙ୍ଗମାନଙ୍କ ଅଧିକାର, ଆବଶ୍ୟକତା ଏବଂ ସୁଲଭ ସାର୍ବଜନୀନ ପରିବହନ ଉପରେ ସଚେତନତା ସୃଷ୍ଟି ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅଭିଯାନ ଲକ୍ଷ ଲକ୍ଷ ଦିବ୍ୟାଙ୍ଗମାନଙ୍କୁ ମର୍ଯ୍ୟାଦା ଏବଂ ସମ୍ମାନର ସହ ଜୀବନଯାପନ କରିବାରେ ସକ୍ଷମ କରିଛି । ହଜାର ହଜାର ସରକାରୀ କୋଠା ଏବଂ ପରିବହନ ସୁବିଧାର ପୁନରୁଦ୍ଧାର ଆରମ୍ଭ କରି ସାଙ୍କେତିକ ଭାଷା ତାଲିମ୍ କାର୍ଯ୍ୟକ୍ରମର ବିକାଶ ପର୍ଯ୍ୟନ୍ତ ଏହି

ଅଭିଯାନ ସାର୍ବଜନୀନ ଉପଲବ୍ଧତା ପାଇଁ ମୂଳଦୁଆ ପକାଇଛି। ସୁଗମ୍ୟ ଭାରତ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ଏହା କେବଳ ଦିବ୍ୟାଙ୍ଗମାନଙ୍କୁ ସଶକ୍ତି କରିବା ମାଧ୍ୟମ ନୁହେଁ ବରଂ ସେମାନଙ୍କୁ ଆତ୍ମସମ୍ମାନ ଓ ସାମର୍ଥ୍ୟର ସହ ବଞ୍ଚିବାକୁ ସକ୍ଷମ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସାମାଜିକ ସୁରକ୍ଷା ଓ ସମାନତା ପାଇଁ ଶିକ୍ଷା ଏକ ବିରାଟ ଅସ୍ତ୍ର। ଜାତୀୟ ଶିକ୍ଷାନୀତି-୨୦୨୦ ସମସ୍ତ ପ୍ରତିବନ୍ଧକକୁ ଏଡ଼ାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।